# NATIONAL NEWS BULLETIN (ODIA)

**7 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସମାଜକୁ ପରିବର୍ତ୍ତନ କରିବା ଦିଗରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ-କହିଲେ ଉପରାଷ୍ଟ୍ରପତି ।
- ଗଣେଶ ଚତୁର୍ଥୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।
- ଅପରାଜିତା ମହିଳା ଓ ଶିଶୁ ବିଲ୍ ୨୦୨୪ରେ ଅନେକ ତ୍ରୁଟି ଥିବା ଦର୍ଶାଇ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଲେ ପଶ୍ଚିମବଙ୍ଗ ରାଜ୍ୟପାଳ ।
- ପାରାଲିମ୍ପିକ୍ସରେ ପୁରୁଷ ସଟ୍‌ପୁଟ୍‌ରେ କାଂସ୍ୟ ପଦକ ଜିତିଥିବାରୁ ଶଟ୍ ପୁଟ୍ ଖେଳାଳି ହୋକାତୋ ହୋତୋଜୋଙ୍କୁ ଅଭିନନ୍ଦନ ଜଣାଇଲେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ।

ଏବଂ

- ଆସନ୍ତାକାଲି ପର୍ଯ୍ୟନ୍ତ ଗୁଜରାଟ, ମହାରାଷ୍ଟ୍ର ଓ ପୂର୍ବ ରାଜସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ ।

## ଉପରାଷ୍ଟ୍ରପତି ଉଦ୍‌ଘାଟନ

ଉପରାଷ୍ଟ୍ରପତି ଜଗଦୀପ ଧନଖର ଆଜି ଉତ୍ତରପ୍ରଦେଶର ଗୋରଖପୁରଠାରେ ଏକ ସୈନିକ ସ୍କୁଲକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଉପରାଷ୍ଟ୍ରପତି କହିଥିଲେ ଯେ ଶିକ୍ଷା ହେଉଛି ଏକ ମାଧ୍ୟମ ଯାହା ସମାଜକୁ ପରିବର୍ତ୍ତନ କରିଥାଏ ଏବଂ ଖରାପ ଅଭ୍ୟାସକୁ ଦୂର କରିଥାଏ । ସେ ନିଜେ ସୈନିକ ସ୍କୁଲ ଚିତ୍ତୌରଗଡ଼ର ପୂର୍ବତନ ଛାତ୍ର ହୋଇଥିବାରୁ ଗୋରଖପୁର ସୈନିକ ସ୍କୁଲକୁ ଆସି ଖୁସି ଥିବା କହିଛନ୍ତି।

## ପ୍ରେଜ୍-ଗଣେଶ ଚତୁର୍ଥୀ

ଗଣେଶ ଚତୁର୍ଥୀ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ଏହି ପର୍ବ ଦେଶର ଅନେକ ସ୍ଥାନରେ ସାମୂହିକ ଉଲ୍ଲାସର ସହ ପାଳନ କରାଯାଏ ଏବଂ ସାମାଜିକ ଶକ୍ତିର ଏକ ସୁନ୍ଦର ଉଦାହରଣ ପ୍ରଦାନ କରିଥାଏ । ସେ କହିଛନ୍ତି ଯେ ଭାରତୀୟ ପରମ୍ପରାରେ ଭଗବାନ ଗଣେଶଙ୍କୁ ଶୁଭ ଏବଂ ବିପର୍ଯ୍ୟୟରୁ ରକ୍ଷା କରିଥାନ୍ତି ବୋଲି ମାନ୍ୟତା ରହିଛି । ପ୍ରଧାନମନ୍ତ୍ରୀ ମୋଦୀ ସମସ୍ତ ଦେଶବାସୀଙ୍କୁ ଗଣେଶ ଚତୁର୍ଥୀର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ‘ଗଣପତି ବାପ୍ପା ମୋରିୟା’ କହିଛନ୍ତି।

## ପ୍ରେଜ୍-ପଶ୍ଚିମବଙ୍ଗ

ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଅପରାଜିତା ମହିଳା ଓ ଶିଶୁ ବିଲ୍ ୨୦୨୪ରେ ଅନେକ ତ୍ରୁଟି ଥିବା ଦର୍ଶାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଛନ୍ତି। ଗତ ମାସ ୯ ତାରିଖରେ କୋଲକାତାର ଆରଜି କର ହସ୍ପିଟାଲରେ ଜଣେ ପ୍ରଶିକ୍ଷାର୍ଥୀ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ବିଧାନସଭାରେ ଏହି ବିଲ୍ ପାରିତ ହୋଇଥିଲା। ଏହି ବିଲ୍‌ରେ ଦୁଷ୍କର୍ମ କ୍ଷେତ୍ରରେ ଯଦି ପୀଡିତାଙ୍କ ମୃତ୍ୟୁ ହୁଏ କିମ୍ବା ତାଙ୍କୁ ଅସହାୟ ଅବସ୍ଥାରେ ଛାଡି ଦିଆଯାଏ, ସେ କ୍ଷେତ୍ରରେ ଦୋଷୀମାନଙ୍କୁ ଫାଶୀ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି ।

ଗତକାଲି ସନ୍ଧ୍ୟାରେ ରାଜ୍ୟପାଳ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଯେ ତରବରିଆ ଭାବେ ଏହି ବିଲ୍ ପ୍ରସ୍ତୁତ କରାଯାଇଛି। ବିଲ୍ ସହିତ ବୈଷୟିକ ରିପୋର୍ଟ ନ ପଠାଇବା ପାଇଁ ସେ ରାଜ୍ୟ ସଚିବାଳୟକୁ ଦାୟୀ କରିବା ସହ ଏହା ସେମାନଙ୍କର ବିଫଳତା ବୋଲି କହିଛନ୍ତି। ଆର୍‌ଜିକର ପ୍ରସଙ୍ଗରେ ରାଜ୍ୟପାଳ କହିଛନ୍ତି ଯେ ବିଲ୍ କୁ ଅପେକ୍ଷା ନକରି ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ।

## ପାରା ଅଲମ୍ପିକ୍ସ

ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ସରେ ପୁରୁଷ ସଟ୍‌ପୁଟ୍ ଏଫ୍-୫୭ ବର୍ଗରେ କାଂସ୍ୟ ପଦକ ଜିତିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶଟ୍ ପୁଟ୍ ଖେଳାଳି ହୋକାଟୋ ହୋଟୋଜେ ସେମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ

ପୋଷ୍ଟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପାରା ଅଲିମ୍ପିକ୍ସ କ୍ରୀଡ଼ାବିତ୍‌ଙ୍କ ସଫଳତା ଉପରେ ଆଲୋକପାତ କରି କହିଛନ୍ତି ଯେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରୁ ବର୍ତ୍ତିଯାଇଥିବା ଶ୍ରୀ ସେମା ତାଙ୍କ ପ୍ରଥମ ଚେଷ୍ଟାରେ ପଦକ ଜିତିଛନ୍ତି। ରାଷ୍ଟ୍ରପତି ଭବିଷ୍ୟତରେ ତାଙ୍କର ଅଧିକ ସଫଳତା କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଫଳତା ଦେଶ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଶ୍ରୀ ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ କ୍ରୀଡ଼ାବିତ୍‌ଙ୍କ ଅବିଶ୍ୱସନୀୟ ଶକ୍ତି ଏବଂ ସଂକଳ୍ପ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

## ଅଶ୍ୱିନୀ ବୈଷ୍ଣବ-ଜାପାନ

କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଟୋକିଓରେ ଜାପାନ ବୈଦେଶିକ ବାଣିଜ୍ୟ ସଂଗଠନ-ଜେଟ୍ରୋର ସଭାପତି ସୁସୁମୁ କାଟାଓକାଙ୍କ ସହ ତାଙ୍କର ବୈଠକ ସଫଳ ହୋଇଛି । ବୈଷ୍ଣବ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ଯେ ଏହି ବୈଠକ ଦ୍ୱିପାକ୍ଷିକ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ଅର୍ଥନୈତିକ ସମ୍ପର୍କକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲା ।

## ପିଆଇବି-ଫେକ୍ ଚେକ୍

ପତ୍ର ସୂଚନା କାର୍ଯ୍ୟାଳୟ-ପିଆଇବିର ଫ୍ୟାକ୍ଟ ଚେକ୍ ୟୁନିଟ୍ ବିଏସ୍‌ଏନ୍‌ଏଲ୍‌ର ଅଫିସିଆଲ୍ ୱେବସାଇଟ୍‌ର ନକଲ କରି ବ୍ୟକ୍ତିଗତ ବିବରଣୀ ମାଗିଥିବା ଏକ ନକଲି ୱେବସାଇଟ୍ ବିରୋଧରେ ଚେତାବନୀ ଜାରିକରିଛି। ଫ୍ୟାକ୍ଟ ଚେକ୍ ୟୁନିଟ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନକଲି ୱେବସାଇଟ୍ 'ବିଏସ୍‌ଏନ୍‌ଏଲ୍ ଟାୱାର୍ ଇଣ୍ଡିଆ ଡଟ୍ କମ୍' ୫ଜି ଟାୱାର ଲଗାଇବା ପାଇଁ ଆବେଦନ ଆହ୍ୱାନ କରୁଛି। ଏହି ୱେବ ଠିକଣା

ବିଏସଏନଏଲ ସହ ଜଡିତ ନୁହେଁ ବୋଲି ପିଆଇବି କହିଛି ଏବଂ ଲୋକଙ୍କୁ ଏଭଳି ସନ୍ଦେହଜନକ ୱେବସାଇଟରେ ବ୍ୟକ୍ତିଗତ ବିବରଣୀ ନ ଦେବାକୁ ସତର୍କ କରାଯାଇଛି । ବିଏସ୍ଏନ୍ଏଲ୍ର ଅଫିସିଆଲ୍ ୱେବସାଇଟ୍ ହେଉଛି 'ବିଏସ୍ ଏନ୍ ଏଲ୍ ଡଟ୍ କୋ ଇନ୍' ।

## ପାକିସ୍ତାନୀ-ଆରେଷ୍ଟେଡ୍

ଆତଙ୍କବାଦୀ ସଂଗଠନ ଆଇଏସ୍ ଆଇଏସ୍ କୁ ସହାୟତା ଓ ସମ୍ବଳ ଯୋଗାଇବାକୁ ଉଦ୍ୟମ ଅଭିଯୋଗରେ ଜଣେ ପାକିସ୍ତାନୀ ନାଗରିକଙ୍କୁ କାନାଡ଼ାରେ ଗିରଫ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ଆଟର୍ଣ୍ଣି ଜେନେରାଲ ମେରିକ୍ ଗାର୍ଲାଣ୍ଡ କହିଛନ୍ତି ଯେ ଅଭିଯୁକ୍ତ ନ୍ୟୁୟର୍କ ସହରରେ ଆତଙ୍କବାଦୀ ଆକ୍ରମଣ ଯୋଜନା କରିଥିବା ଅଭିଯୋଗ ହୋଇଛି। ଆମେରିକାର ନ୍ୟାୟ ବିଭାଗର ଅପରାଧିକ ଅଭିଯୋଗ ଅନୁଯାୟୀ, କାନାଡାରେ ରହୁଥିବା ଶାହଜେବ ଜାଦୁନ୍ ନାମରେ ପରିଚିତ ମହମ୍ମଦ ଶାହଜେବ ଖାନଙ୍କୁ ଚଳିତ ସପ୍ତାହ ପ୍ରାରମ୍ଭରେ ଯୁକ୍ତରାଷ୍ଟ୍ର ଆମେରିକାରେ ଦାଏର ହୋଇଥିବା ଅଭିଯୋଗରେ ଗିରଫ କରାଯାଇଥିଲା।

## ଝାଡଖଣ୍ଡ-ଓକିଲ

ଝାଡ଼ଖଣ୍ଡ ସରକାର ସେଠାକାର ଆଇନ୍‌ଜୀବୀମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ବୀମା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାଜ୍ୟର ପ୍ରାୟ ୩୦ ହଜାର ଆଇନ୍‌ଜୀବୀ ଉପକୃତ ହେବେ। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ୬୫ ବର୍ଷ ରୁ ଅଧିକ ବୟସର ଆଇନ୍‌ଜୀବୀଙ୍କ ପେନସନ ୭ ହଜାରରୁ ୧୪ ହଜାର ଟଙ୍କାକୁ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍

ଅନୁମୋଦନ ଦେଇଛି। ନୂତନ ଭାବେ ପଞ୍ଜିକୃତ ହୋଇଥିବା ଆଇନ୍‌ଜୀବୀଙ୍କୁ ପ୍ରତି ମାସରେ ୫ ହଜାର ଟଙ୍କାର ଷ୍ଟାଇପେଣ୍ଡ ପ୍ରଦାନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି।

## ତେଲେଙ୍ଗାନା ବନ୍ୟା

ତେଲେଙ୍ଗାନା ସରକାର ରାଜ୍ୟର ୩୩ଟି ଜିଲ୍ଲା ମଧ୍ୟରୁ ୨୯ଟି ଜିଲ୍ଲାକୁ ବନ୍ୟା ପ୍ରଭାବିତ ଜିଲ୍ଲା ଭାବେ ଘୋଷଣା କରିଛନ୍ତି। ତୁରନ୍ତ ରିଲିଫ କାର୍ଯ୍ୟ କରିବା ପାଇଁ ପ୍ରତି ଜିଲ୍ଲା ପାଇଁ ୩ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଛି। ପୂର୍ବରୁ ୪ଟି ଜିଲ୍ଲାକୁ ବନ୍ୟା ପ୍ରଭାବିତ ଘୋଷଣା କରାଯାଇ ସେଠାରେ ରିଲିଫ୍ କାର୍ଯ୍ୟ ଚାଲିଥିଲା। ସେପ୍ଟେମ୍ବର ୬ ରେ ହାଇଦ୍ରାବାଦରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ।

ରାଜ୍ୟ ମୁଖ୍ୟ ଶାସନ ସଚିବ ଶାନ୍ତି କୁମାରୀ କହିଛନ୍ତି ଯେ ଗତ ମାସ ୩୧ ତାରିଖରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ରେକର୍ଡ ହୋଇଥିବା ବର୍ଷାକୁ ଆଧାର କରି ଏହି ଘୋଷଣା କରାଯାଇଛି। ସୋମବାର ସୁଦ୍ଧା ଗଣନା ଶେଷ କରି ରିପୋର୍ଟ ପଠାଇବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବର୍ଷା ଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି ବୋଲି ସେ ସୂଚନା ଦେଇଛନ୍ତି। କ୍ଷୟକ୍ଷତିକୁ ଆବଶ୍ୟକ ଫର୍ମାଟରେ ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାର ଜିଲ୍ଲା ଭିତ୍ତିରେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି।

# ତ୍ରିପୁରା-ବନ୍ୟା

ତ୍ରିପୁରା ମୁଖ୍ୟମନ୍ତ୍ରୀ ଡ. ମାଣିକ ସାହା ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ୫୬୪ କୋଟି ଟଙ୍କାର ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ଘୋଷଣା କରିଛନ୍ତି। ବିଧାନସଭାରେ ଡଃ ସାହା କହିଛନ୍ତି ଯେ ନିକଟରେ ବନ୍ୟାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିରୁ ରାଜ୍ୟକୁ ପୁନରୁଦ୍ଧାର କରିବା ପାଇଁ ଏହି ସ୍ୱତନ୍ତ୍ର ପ୍ୟାକେଜ ପ୍ରସ୍ତୁତ କରାଯାଇଛି । ମୁଖ୍ୟମନ୍ତ୍ରୀ ଡ. ମାଣିକ ସାହା କହିଛନ୍ତି ଯେ ରାଜ୍ୟରେ ହୋଇଥିବା ବନ୍ୟା ଜନିତ କ୍ଷୟକ୍ଷତିର ପ୍ରାରମ୍ଭିକ ଆକଳନ ପ୍ରାୟ ୧୪ହଜାର ୨୪୭ କୋଟି ଟଙ୍କା। ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ପ୍ରକୃତ କ୍ଷୟକ୍ଷତିର ଆକଳନ କରିଛନ୍ତି।

ଜାତୀୟ ରାଜପଥ, ରାଜ୍ୟ ସଡ଼କ ଓ ଗ୍ରାମୀଣ ରାସ୍ତାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୋଖରୀ, ଜଳଭଣ୍ଡାର ଓ ଚାଷ ଜମି ରେ ମାଟି ଓ ପାଣି ଭର୍ତ୍ତି ହୋଇଛି। ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନେ କ୍ଷେତ୍ରସ୍ତରରେ ପ୍ରକୃତ କ୍ଷୟକ୍ଷତି ଆକଳନ କରିଛନ୍ତି।

# ପାଣିପାଗ

ଆସନ୍ତାକାଲି ପର୍ଯ୍ୟନ୍ତ ଗୁଜରାଟ, ମହାରାଷ୍ଟ୍ର ଓ ପୂର୍ବ ରାଜସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତାକାଲି ଉପକୂଳ ଆନ୍ଧ୍ରପ୍ରଦେଶ, ୟାନମ ଏବଂ ଓଡ଼ିଶାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପଶ୍ଚିମ ମଧ୍ୟପ୍ରଦେଶ, ସୌରାଷ୍ଟ୍ର, କଚ୍ଛ, ଉତ୍ତରାଖଣ୍ଡ, ପୂର୍ବ ଉତ୍ତରପ୍ରଦେଶ ଏବଂ

ଦକ୍ଷିଣ-ପଶ୍ଚିମ ରାଜସ୍ଥାନ ସହିତ ଛତିଶଗଡ଼ରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଦକ୍ଷିଣ ଭାରତରେ ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ କେରଳ, ମାହେ, ତେଲେଙ୍ଗାନା ଓ ଉପକୂଳ କର୍ଣ୍ଣାଟକରେ ସମାନ ପାଗ ରହିବ । ଆଜି ଝାଡ଼ଖଣ୍ଡ ଓ ବିହାର ଏବଂ ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ଆସନ୍ତା ୬ ଦିନ ମଧ୍ୟରେ ସମାନ ସ୍ଥିତି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

## ମହାରାଷ୍ଟ୍ର-ଗଣେଶ ପୂଜା

ମହାରାଷ୍ଟ୍ରରେ ଆଜିଠାରୁ ୧୦ ଦିନିଆ ଗଣେଶ ଉତ୍ସବ ଆରମ୍ଭ ହୋଇଛି । ଆକାଶବାଣୀ ପୁଣେ ପ୍ରତିନିଧିଙ୍କ ସୂଚନା ଅନୁଯାୟୀ, ଶେହନାଇ, ବ୍ୟାଣ୍ଡ୍ ଓ ଢୋଲବାଦ୍ୟ ତାଳରେ ଆଜିଠାରୁ ଗଣେଶ ଉତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ଭଲ ମୌସୁମୀ ସହ ଜଳ ସଂରକ୍ଷଣ ଓ ଫସଲ ବୁଣିବା ମଧ୍ୟ ରେକର୍ଡ ଭାଙ୍ଗିଛି, ଯାହା ଲୋକଙ୍କ ଉତ୍ସାହକୁ ବଢ଼ାଇ ଦେଇଛି । ସାର୍ବଜନୀନ ଗଣେଶ ମଣ୍ଡପଗୁଡ଼ିକରେ ଗଣେଶଙ୍କ ବିଭିନ୍ନ ପ୍ରତିକୃତୀ ସ୍ଥାନ ପାଇଛି ।

ପରିବେଶ ଓ ଶବ୍ଦ ପ୍ରଦୂଷଣକୁ ସୀମିତ ରଖିବା ପାଇଁ ପ୍ରଶାସନ ମଣ୍ଡପଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛି । ମୂର୍ତ୍ତି ବିସର୍ଜନ ଯେପରି ପରିବେଶ ଅନୁକୂଳ ଢଙ୍ଗରେ ହେବ ସେଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପୁଣେରେ ଗଣେଶୋତ୍ସବରେ ଭାଗ ନେବା ପାଇଁ ଦେଶ

ବିଦେଶରୁ ଲୋକମାନେ ଆସନ୍ତି । ପରମ୍ପରା ଅନୁଯାୟୀ ପ୍ରଥମେ ପୁଣେର ପାଞ୍ଚଟି ମୁଖ୍ୟ ଗଣେଶ ପ୍ରତିଷ୍ଠା କରାଯିବାର ପରମ୍ପରା ରହିଛି।

ମହାରାଷ୍ଟ୍ରର ସାଂସ୍କୃତିକ ଐତିହ୍ୟର ପରିଚୟ ବହନ କରୁଥିବା ଏହି ପର୍ବ ପ୍ରତିବର୍ଷ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାଳନ କରାଯାଏ, ଯେଉଁଥିରେ ପ୍ରଦର୍ଶନ, ପ୍ରତିଯୋଗିତା ଆୟୋଜନ କରାଯାଏ ।

ଚଳିତ ବର୍ଷ ପରିବେଶ ଅନୁକୂଳ ଗଣେଶ ଉତ୍ସବକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି, ଯେଉଁଥିରେ ପ୍ଲାଷ୍ଟର ଅଫ୍ ପ୍ୟାରିସରୁ ନିର୍ମିତ ମୂର୍ତ୍ତି ପରିବର୍ତ୍ତେ ମାଟିର ମୂର୍ତ୍ତି ବ୍ୟବହାର ମଧ୍ୟ ସାମିଲ ରହିଛି। ଗଣେଶ ଚତୁର୍ଥୀ ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମହାରାଷ୍ଟ୍ରବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଭଗବାନ ଗଣପତିଙ୍କ ଆଗମନ ସମସ୍ତଙ୍କ ପାଇଁ ସୁଖ, ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ପାଲେଷ୍ଟାଇନ୍ କିଲ୍ଡ

କେନ୍ଦ୍ରୀୟ ଓ ଦକ୍ଷିଣ ଗାଜା ଉପତ୍ୟକାରେ ଦୁଇଟି ଆବାସିକ ଘରକୁ ଟାର୍ଗେଟ କରି ଇସ୍ରାଏଲ ଦ୍ୱାରା କରାଯାଇଥିବା ବୋମା ବିସ୍ଫୋରଣରେ ଅତି କମରେ ୧୦ ଜଣ ପାଲେଷ୍ଟାଇନ୍ ନାଗରିକ ନିହତ ହୋଇଛନ୍ତି। କେନ୍ଦ୍ରୀୟ ଖାନ୍ ୟୁନିସ୍ ସହରରେ ହୋଇଥିବା ଆକ୍ରମଣରେ ୫ ଜଣ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି । ସେହିପରି କେନ୍ଦ୍ରୀୟ ଗାଜାର ନୁସେରାତ ଶରଣାର୍ଥୀ ଶିବିରରେ ଇସ୍ରାଏଲର ଗୁଳିମାଡ଼ରେ ଅନ୍ୟ ୫ ଜଣ ପ୍ରାଣ ହରାଇଛନ୍ତି।

# ସେଣ୍ଟ ଥୋମାସ

ଚେନ୍ନାଇର ସେଣ୍ଟ ଥୋମାସ ମାଉଣ୍ଟରେ ଥିବା ଅଫିସର୍ସ ଟ୍ରେନିଂ ଏକାଡେମୀରେ ଭାରତୀୟ ସେନାର ବିଭିନ୍ନ  ସେବାରେ ମୋଟ ୨୪୮ ଜଣ ଅଫିସର କ୍ୟାଡେଟ୍ ଏବଂ ଅଣଚାଳିଶ ଜଣ ମହିଳା ଅଫିସର କ୍ୟାଡେଟଙ୍କୁ ନିଯୁକ୍ତି ଦିଆଯାଇଛି। ବିଦେଶରୁ ଆସିଥିବା ୧୦ ଜଣ ଅଫିସର କ୍ୟାଡେଟ୍ ଓ ୫ ଜଣ ମହିଳା ଅଫିସର କ୍ୟାଡେଟ୍ ଏହି ପ୍ରଶିକ୍ଷଣ ଶେଷ କରିଛନ୍ତି।

ପରେଡକୁ ଲେଫ୍ଟନାଣ୍ଟ ଜେନେରାଲ ଏନ୍ ଏସ୍ ରାଜା ସୁବ୍ରମଣି ସମୀକ୍ଷା କରିଥିଲେ। ପରେଡ୍ ପରେ କ୍ୟାଡେଟ୍‌ଙ୍କ ଅଭିଭାବକ ଓ ଅତିଥିମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବରେ ସାହସିକତା ଓ ପ୍ରତିବଦ୍ଧତାର ଝଲକ ଦେଖିବାକୁ ମିଳିଥିଲା। ଗତକାଲି କ୍ୟାଡେଟମାନେ ବିଭିନ୍ନ ଆକ୍ରୋବ୍ୟାଟରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ ।